## ଅରୋଶ୍ରୀ ବିହାରରେ ସମବେତ ଧାନ, ପ୍ରାର୍ଥନା

ଗୁଣପୁର,(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁର ଅରୋଶ୍ରୀ ବିହାରଠାରେ ଶନିବାର ଶ୍ରୀ ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦେହାଂଶ ପ୍ରତିଷ୍ଠା ସ୍ଥାନରେ ସମବେତ ଧାନ, ପ୍ରାର୍ଥନା ହୋଇଥିଲା। ଏଥିରେ ପାରଳାଖେମୁଣ୍ଡିର ଉନା ସିମାଞ୍ଚଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜଗନ୍ନାଥ ମିଶ୍ର ମାତୃ ପତାକା ଉତ୍ତୋଳନ କରିଥିଲେ। ଏହାପରେ ସ୍ୱତନ୍ତ୍ର ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ବୃନ୍ଦାବତୀ ପଣ୍ଡା, ସମ୍ପାଦକ ସୁଦର୍ଶନ ପୃଷ୍ଟି, ଅଧକ୍ଷା ଶିବାନି ତ୍ରିପାଠୀ, କୃଷ୍ଣଚନ୍ଦ୍ର ଭୂକ୍ତା, ଯୋଗେନ୍ଦ୍ର ନାରାୟଣ ଦେଓଙ୍କ ସମେତ ସମସ୍ତ ମାତୃପ୍ରେମୀ ଉପସ୍ଥିତ ଥିଲେ। ୨୦୦୨ ଫେବୃୟାରୀ ୬ରେ ଗୁଣପୁର ଠାରେ ଯୋଗୀ ଶ୍ରୀ ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ହୋଇଥିଲା।



### ସଂକ୍ଷେପରେ

## ସଡ଼କ ଦୁର୍ଘଟଣାରେ ମହିଳା ମୃତ

ଗୁଣପୁର,୮।୨(ଡି.ଏନ୍.ଏ.)-ଗୁଣପୁର-ଗୁମୁଡ଼ା ରାସ୍ତାର କପା ମିଲ୍ ଆଗରେ ସୋମବାର ଏକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଗୁଣପୁର ବୃନ୍ଦାବତୀ ନଗର-୩ ଅଞ୍ଚଳର ଗୀତାଞ୍ଜଳି ସୁନାମୁଦି(୪୫)। ଏଥିରେ ତାଙ୍କ ଝିଅ ବର୍ଷାରାଣୀ ଆହତ ହୋଇଛନ୍ତି। ଗୁଡାରି ବ୍ଲକ୍ କାର୍ଯ୍ୟାଳୟରେ ସେକ୍ସନ ଅଫିସରଭାବେ କାର୍ଯ୍ୟରତ କୃଷ୍ଣଚନ୍ଦ୍ର ସୁନାମୁଦିଙ୍କୁ ଅଫିସରେ ଛାଡ଼ିବା ପାଇଁ ଗୀତାଞ୍ଜଳି କାର୍ ନେଇ ଗୁଡାରୀ ଯାଇଥିଲେ। ସାଙ୍ଗରେ ଝିଅ ମଧ ଥିଲେ। ଫେରିବା ବାଟରେ କପା ମିଲ୍ ଆଗରେ ଗାଡିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ କରୁଛି।

## ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ

ତେନ୍ତୁଳିଖୁଣ୍ଟି, ୮।୨(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ପୂଜାରିଗୁଡ଼ା ହାଟପଦାରେ ତେନ୍ତୁଳିଖୁଣ୍ଟି ବ୍ଲକ ବିଜେଡିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଯୁବ ବିଜେଡି ସଭାପତି ବିକ୍ରମ ପ୍ରଧାନୀଙ୍କ ଅଧକ୍ଷତାରେ ଏହି ବୈଠକ କରାଯାଇଛି। ବ୍ଲକ ଅଧୀନ ୧୫ ପଞ୍ଚାୟତର ଯୁବ ବିଜେଡି କର୍ମକର୍ତ୍ତାମାନେ ଶୁକ୍ରବାର ହେବାକୁ ଥିବା ଜିଲାସ୍ତରୀୟ ସମାବେଶରେ ଯୋଗଦେବେ ବୋଲି ନିଷ୍ପତ୍ତି ନିଆଯାଇଛି।

## ଜଗନ୍ନାଥ ମନ୍ଦିର ପାଇଁ ଏକଲକ୍ଷ ଟଙ୍କା ଦାନ

ଚନ୍ଦାହାଣ୍ଡି, ୮।୨ (ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଗମ୍ଭାରୀଗୁଡ଼ାରେ ଚାରିଗଡ଼ ଝରିଆ (ତେଲି) ସାହୁ ସମାଜର ଏକ ମହାସଭା କୁଳପତି ଗୌରଚନ୍ଦ୍ର ସା'ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ପୂର୍ବତନ କୁଳପତି ସୁକାନ୍ତି ସା' ମୁଖ୍ୟ ଅତିଥି, ରାମଧର ସାହୁ ଓ ଦେନାଥ ସାହୁ ମୁଖ୍ୟବକ୍ତାଭାବେ ଉପସ୍ଥିତ ଥିଲେ। ହୃଷୀକେଶ ସାହୁ ସମାଜରେ ଶୃଙ୍ଖଳା ଓ ନୈତିକବୋଧ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସମାଜରେ ଶିକ୍ଷିତଙ୍କ ହାର ବଢୁଥିଲେ ମଧ ନୈତିକତା ଓ ସଂସ୍କାର ଅଭାବ ପରିଲକ୍ଷିତ ହେଉଛି ବୋଲି ଉପକୁଳପତି କୀର୍ତ୍ତନରାମ ସାହୁ ଓ ପ୍ରଚାରକ ଚିକେମଣି ସାହୁ ମତ ରଖିଥିଲେ। ଗମ୍ଭାରୀଗୁଡ଼ାରେ ନିର୍ମାଣ କରାଯାଉଥିବା ଜଗନ୍ନାଥ ମନ୍ଦିର ପାଇଁ ଚାରିଗଡ଼ ଝରିଆ ସାହୁ ସମାଜ ପକ୍ଷରୁ ଏକ ଲକ୍ଷ ଟଙ୍କା ଅନୁଦାନ କୁଳପତି ଘୋଷଣା କରିଥିଲେ। ବୈଠକରେ ନବରଙ୍ଗପୁର, କଳାହାଣ୍ଡି, ନୂଆପଡା, ଛତିଶଗଡ଼ ସମାଜ ସଭାପତି ଜମ୍ଭୁଲାଲ ସାହୁ, ଝୁମୁକଲାଲ ସାହୁ, ଲୀଳାଧର ସାହୁ, ଗୋବିନ୍ଦ ସାହୁ, ରଶ୍ମିମଣି ସାହୁ, ଲମ୍ବୋଦର ସାହୁ, ଡୋଳାମଣି ସା, ଚିତୃ ସାହୁ, ପଦ୍ମଲୋଚନ ସାହୁ, ବଦ୍ରିନାରାୟଣ ସାହୁ, ଗଜାନନ ସାହୁ, ହେମନ୍ତ ସାହୁ, ଜୟଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୯ମ, ଯୁକ୍ତ ୨ ପାଠପଢ଼ା ଆରମ୍ଭ

ଗୁଣପୁର/ବିଷମକଟକ,୮।୨(ଡି.ଏନ୍.ଏ)-ଦୀର୍ଘ ଦିନ ପରେ ରାଜ୍ୟରେ ୯ମ ଏବଂ ଏକାଦଶ ଶ୍ରେଣୀର ପାଠପଢ଼ା ସୋମବାର ଆରମ୍ଭ ହୋଇଛି। ରାୟଗଡ଼ା ଜିଲା ଗୁଣପୁରଠାରେ ବିଭିନ୍ନ ସ୍କୁଲ ଏବଂ କଲେଜରେ କୋଭିଡ୍ ଗାଇଡଲାଇନ୍ ମୁତାବକ ସ୍କୁଲ ଏବଂ କଲେଜରେ ପାଠପଢ଼ା ଆରମ୍ଭ ହୋଇଛି। ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଏସ୍ଏଲ୍ଏନ୍ଏମ୍ ହାଇସ୍କୁଲ, ସରକାରୀ ବାଳକ ଏବଂ ବାଳିକା ଉଚ୍ଚ ବିଦ୍ୟାଳୟ ସମେତ ଡମ୍ଭସରା ଯୁକ୍ତଦୁଇ କଲେଜର ପ୍ରଥମ ବର୍ଷ, ଗୁଣପୁର କଲେଜର ଯୁକ୍ତଦୁଇ ପ୍ରଥମ ବର୍ଷ ପିଲାଙ୍କ ପାଠପଢ଼ା ଆରମ୍ଭ ହୋଇଛି। ଡମ୍ଭସରା କଲେଜରେ ଅଧକ୍ଷ ବିଦ୍ୟାଧର ନାହକ, ଶିଶୁ ମନ୍ଦିରରେ ପ୍ରଫୁଲ୍ଲ ଶତପଥୀ ପ୍ରମୁଖ ଉପସ୍ଥିତ ରହି ବ୍ୟବସ୍ଥାର ତଦାରଖ କରିଥିଲେ। ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍‌ରେ ଥିବା ଶିକ୍ଷା ବିଭାଗର ୧୮ବିଦ୍ୟାଳୟ ଏବଂ ମଙ୍ଗଳ ବିଭାଗର ୫ ବିଦ୍ୟାଳୟରେ ୯ମ ଶ୍ରେଣୀ ପିଲାଙ୍କ ପାଠପଢ଼ା ଆରମ୍ଭ ହୋଇଛି। ସରକାରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମା ପାଳନ କରି ପଠପଢ଼ା ଚାଲିଛି।

## ରାମେଶ୍ୱର ମନ୍ଦିର ମୁଖଶାଳା, ତ୍ରିଶୂଳ ପ୍ରତିଷ୍ଠା

ଗୁଣପୁର,୮।୨(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁର ସେଫାଳି ପାହାଡ଼ସ୍ଥିତ ରାମେଶ୍ୱର ମନ୍ଦିରରେ ସୋମବାର ମୁଖଶାଳା ଏବଂ ତ୍ରିଶୂଳ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ ରମି ପାତ୍ର ଏବଂ ପୂଜକ ଭାବେ ପ୍ରକାଶ ରଥ ଉପସ୍ଥିତ ରହି ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ଦେବୀ ପ୍ରସାଦ ପାଣିଗ୍ରାହୀ ମନ୍ଦିରରେ ଘଣ୍ଟ ସ୍ଥାପନରେ ସହଯୋଗ କରିଥିଲେ। ଏଥିଲାଗି ମନ୍ଦିରରେ ସ୍ୱତନ୍ତ୍ର ପୂଜାର ଆୟୋଜନ କରାଯାଇଥିଲା। ମନ୍ଦିର କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଧୁଙ୍ଗିଆପାଣି ଗାଁ ରାସ୍ତା ଭୁଲିଯାଇଛି ବିକାଶ

ଉମରକୋଟ, ୮।୨(ସ୍ୱ.ପ୍ର.)

- ମୌଳିକ ସମସ୍ୟାରୁ ଏବେ ବି ବଞ୍ଚିତ ଗ୍ରାମବାସୀ
- ଅନ୍ଧାର ହେଲେ ଡିବିରି ଭରସା
- ଗାଁରେ ନାହିଁ ଅଙ୍ଗନୱାଡି କେନ୍ଦ୍ର, ସ୍କୁଲ


ଧୁଙ୍ଗିଆପାଣିକୁ ସଂଯୋଗ କରୁଥିବା କଚ୍ଚାରାସ୍ତା।

ଉମରକୋଟ ବ୍ଲକ ତହୋରା ପଞ୍ଚାୟତର ଧୁଙ୍ଗିଆପାଣି ଗ୍ରାମ। ଏହି ଗ୍ରାମକୁ ବିକାଶ ଯେମିତି ବାଟ ଭୁଲିଯାଇଛି। ପାହାଡ଼ିଆ ଅଙ୍କାବଙ୍କା ମାଟି ରାସ୍ତା ଦେଇ ସତେ ଯେମିତି ବିକାଶ ପହଞ୍ଚିପାରୁନାହିଁ ଧୁଙ୍ଗିଆପାଣି। ସ୍ୱାଧୀନତାର ୭୪ବର୍ଷ ପରେ ମଧ ଏଠାକାର ଲୋକଙ୍କୁ ମୌଳିକ ସୁବିଧା ମିଳିପାରୁନାହିଁ।

ଧୁଙ୍ଗିଆପାଣି ଗ୍ରାମରେ ଆଦିବାସୀ ସମ୍ପ୍ରଦାୟର ୫୦ପରିବାରର ପ୍ରାୟ ୨୦୦ ଲୋକ ରହିଥାନ୍ତି। ସମସ୍ତେ ଚାଷବାସ କରି ଜୀବିକା ନିର୍ବାହ କରନ୍ତି। ଏବେ ସୁଦ୍ଧା ଏଠାକୁ ପକ୍କା ସଡ଼କ, ବିଜୁଳି ସଂଯୋଗ, ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ନାହିଁ। ରାସ୍ତା ନ ଥିବା ଯୋଗୁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରୋଗୀ, ଗର୍ଭବତୀଙ୍କୁ ଖଟିଆ କିମ୍ବା ଶଗଡ଼ରେ ୩ କିଲୋମିଟର ନେବା ପରେ ସେଠିଠାରୁ ଆମ୍ବୁଲାନ୍ସ ଆସି ଡାକ୍ତରଖାନାକୁ ନେଇଥାଏ। ଅମଳ ଫସଲ ମଧ ବଜାର ପର୍ଯ୍ୟନ୍ତ ନେବା କଷ୍ଟକର ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଜୁଳି ନ ଥିବା ଯୋଗୁ ସନ୍ଧ୍ୟା ହେଲେ ଲୋକଙ୍କ ଭରସା ଡିବିରି। ଜଙ୍ଗଲୀ ଜନ୍ତୁଙ୍କ ଆକ୍ରମଣ ଭୟ ରହିଥିବା ହେତୁ ସନ୍ଧ୍ୟା ପୂର୍ବରୁ ଗ୍ରାମବାସୀ ତାଟିକବାଟ କିଳି ଘର ଭିତରେ ପଶିଥାନ୍ତି। ଏଠାରେ ଅଙ୍ଗନୱାଡି କେନ୍ଦ୍ରଟିଏ ନାହିଁ। ପିଲାମାନେ ସ୍କୁଲ ପୂର୍ବରୁ ଶୈକ୍ଷିକ ବାତାବରଣ ବିଷୟରେ ଅବଗତ ହୋଇପାରନ୍ତି ନାହିଁ। ସେହିଭଳି ଅଙ୍ଗନୱାଡି କେନ୍ଦ୍ରରୁ ମିଳୁଥିବା ଲାଭ ଗ୍ରାମବାସୀଙ୍କୁ ମିଳେନାହିଁ। ସ୍କୁଲ ଯିବା ପାଇଁ ହେଲେ ୩ ରୁ ୪ କିଲୋମିଟର ଚାଲିବାକୁ ପଡ଼େ। ତେଣୁ ପ୍ରାୟ ଅନେକ ଅଭିଭାବକ ପିଲାମାନଙ୍କୁ ପାଠ ପଢ଼ାଇବାକୁ ଅମଙ୍ଗ। ସରକାର ପିଲାମାନଙ୍କୁ ଅନ୍‌ଲାଇନରେ ପାଠ ପଢ଼ିବାକୁ ଉପଦେଶ ଦେଉଛନ୍ତି। କିନ୍ତୁ ଏଠାରେ ଏବେବି ମୋବାଇଲ ନେଟ୍‌ୱର୍କ ନାହିଁ। ଅନ୍‌ଲାଇନ ପାଠପଢ଼ା କ'ଣ ସେ ସମ୍ପର୍କରେ ଅବଗତ ନ ଥିବା ଗ୍ରାମବାସୀ କହିଛନ୍ତି। ସମସ୍ତ ସୁବିଧା ଯୋଗାଇବାକୁ ଲୋକ ପ୍ରତିନିଧିଙ୍କଠାରୁ ଆରମ୍ଭକରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ନିବେଦନ କରିଥିଲେ ମଧ କିଛି ସୁଫଳ ମିଳୁନାହିଁ ବୋଲି ଗ୍ରାମର ସୋମା ଭତ୍ରା, ବୁଦୁରାମ ଭତ୍ରା, କେଶରୀ ପାତ୍ର, ମହାଦେବ ସରକାର, ମୋନା ଗୌଡ଼, ସୁନାଧର ଗୌଡ଼, ରଞ୍ଜନ ଗଣ୍ଡ, ହରି ଗୌଡ଼ କହିଛନ୍ତି। ଏ ନେଇ ଉମରକୋଟ ବିଡିଓ ଦେବୀପ୍ରସାଦ ଟାଲିଙ୍କୁ ପଚାରିବାରୁ ଗାଁରେ ଥିବା ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରାଯିବ। ବିଜୁଳି ସଂଯୋଗ ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ ହେବ। ଗାଁର ସମସ୍ତ ସମସ୍ୟାର ଶୀଘ୍ର ସମାଧାନ ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

## ବ୍ୟବସାୟୀଙ୍କୁ ମିଳୁନି ପିଣ୍ଡି, ଅବ୍ୟବସ୍ଥାରେ ବସୁଛନ୍ତି ବେପାରୀ


ରାଇଘର ଦୈନିକ ବଜାରରେ ଥିବା ପିଣ୍ଡି।

ରାଇଘର, ୮।୨(ଡି.ଏନ୍.ଏ.)

ପାଞ୍ଚବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ରାଇଘର ଦୈନିକ ବଜାର ମଧରେ ବ୍ୟବସାୟୀଙ୍କ ବସିବା ନିମନ୍ତେ ଲକ୍ଷାଧିକ ଟଙ୍କା ବ୍ୟୟରେ ହାଟ ପିଣ୍ଡି ଗୃହ ନିର୍ମାଣ କରାଯାଇଥିଲା। କିନ୍ତୁ ତାହା କାମରେ ଲାଗୁନାହିଁ। ଫଳରେ ବେପାରୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଦୈନିକ ହାଟକୁ ଯିବା ରାସ୍ତା ମଧ ବିପର୍ଯ୍ୟସ୍ତ ହୋଇପଡ଼ିଛି।

ରାଇଘର ଅଞ୍ଚଳବାସୀ ଦୈନିକ ବଜାର ଉପରେ ପ୍ରତିଦିନ ନିର୍ଭର କରିଥାନ୍ତି। ରବିବାର ଏଠାରେ ସାପ୍ତାହିକ ହାଟ ବସେ। ଏଠାକୁ ୨୬ ପଞ୍ଚାୟତ ସହ ଆଖପାଖ ଅଞ୍ଚଳ ଓ ଛତିଶଗଡ଼ ବ୍ୟବସାୟୀମାନେ ଆସିଥାନ୍ତି। ହାଟ ପାଳିରେ ଅତ୍ୟଧିକ ଜନଗହଳି ହେଉଛି। ଏହା ଭିତରେ ପରିବେଶ ଅପରିଷ୍କାର ହୋଇପଡୁଥିଲା। ଲୋକଙ୍କ ଅଭିଯୋଗ ପରେ ହାଟପଦା ଭିତରେ ଲକ୍ଷାଧିକ ଟଙ୍କା ବ୍ୟୟରେ ବ୍ୟବସାୟୀଙ୍କ ପାଇଁ ପିଣ୍ଡି ବ୍ୟବସ୍ଥା କରାଗଲା। ଏଥିସହ ବ୍ୟବସାୟୀ ବସିବା ପାଇଁ ଗୃହ ହୋଇଥିଲେ ମଧ କେତେଜଣ ବ୍ୟକ୍ତି ଏହାକୁ କବ୍‌ଜା କରି ରଖିଛନ୍ତି। ଏଥିସହ

### କାର୍ଯ୍ୟକ୍ଷମ କରାଯାଉନି ଶୌଚାଳୟ, ବସିବା ଗୃହ

ହାଟପଦା ଭିତରେ ୧୦ଲକ୍ଷ ଟଙ୍କା ବ୍ୟୟରେ ଶୌଚାଳୟ ନିର୍ମାଣ ହୋଇ ପଡ଼ିରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇପାରିନାହିଁ। ଏଥିଯୋଗୁ ମହିଳା ବ୍ୟବସାୟୀ, ଯାତ୍ରୀ ଓ ଗ୍ରାହକଙ୍କୁ ବିଶେଷ ଅସୁବିଧା ହେଉଛି। ଯେଉଁ ଉଦ୍ଦେଶ୍ୟ ନେଇ ହାଟପଦା ଭିତରେ ପିଣ୍ଡି, ଶୌଚାଳୟ ଆଦି ତିଆରି ହୋଇଥିଲା ସେଥିରୁ ଅଞ୍ଚଳବାସୀ ଉପକୃତ ହୋଇପାରୁ ନାହାନ୍ତି। ପଞ୍ଚାୟତ କିମ୍ବା ବ୍ଲକ ପ୍ରଶାସନ ଏଥିପ୍ରତି ନଜର ନ ଦେବାରୁ ଯୋଜନା ସଫଳ ହୋଇପାରୁ ନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ସବୁ କିଛି ରହି ମଧ କାର୍ଯ୍ୟକାରୀ ନ ହେବା ଦୁଃଖର ବିଷୟ ବୋଲି ବୁଦ୍ଧିଜୀବୀ କହିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି। ଭାରପ୍ରାପ୍ତ ବିଡିଓ ବିଜୟ କୁମାର ସେଠୀଙ୍କୁ ପଚାରିବାରୁ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କ ସହ ଆଲୋଚନା କରି ଏ ଦିଗରେ ପଦକ୍ଷେପ ନେବି ବୋଲି କହିଛନ୍ତି।

## ଷ୍ଟକ୍‌ରେ ଅନିୟମିତତା ଯୋଗୁ ରାଇସ୍ ମିଲ୍ ସିଜ୍

ଉମରକୋଟ, ୮।୨(ସ୍ୱ.ପ୍ର.)

ନବରଙ୍ଗପୁର ଉପ ଜିଲାପାଳ ଭାସ୍କର ରଇତ ଉମରକୋଟସ୍ଥିତ କଳିଙ୍ଗ ରାଇସ ମିଲ୍‌ରେ ଅଚାନକ ଚଢାଉ କରିଥିଲେ। ମିଲିଙ୍ଗ ପାଇଁ କେତେ ପରିମାଣର ଧାନ ସଂଗ୍ରହ କରାଯାଇଛି, ସେଠାରେ କେତେ ପରିମାଣରେ ଧାନ ଗଚ୍ଛିତ ରହିଛି, ମଣ୍ଡିରୁ କେତେ ପରିମାଣର ଧାନ ଉଠାଇଛନ୍ତି ଏ ସମ୍ବନ୍ଧରେ ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚବେଳେ କେତେକ ନିର୍ଦ୍ଦିଷ୍ଟ କାଗଜପତ୍ର ଦେଖାଇ ପାରି ନଥିଲେ। ଏଥିସହ ଷ୍ଟକରେ ଅନିୟମିତତା ଯୋଗୁ ଉପଜିଲାପାଳ ତାହାକୁ ସିଜ୍ କରିଛନ୍ତି। ଏହି ଚଢାଉ ବେଳେ ଉମରକୋଟ ତହସିଲଦାର ହିମାଞ୍ଚଳ ମାଝି ଉପସ୍ଥିତ ଥିଲେ । ପ୍ରକାଶ ଯେ, ମଣ୍ଡି ସମସ୍ୟା ଏବେ ରାଜ୍ୟର ଏକ ବଡ଼ ସମସ୍ୟାଭାବେ ମୁଣ୍ଡ ଟେକିଛି। ଟାର୍ଗେଟ ଆସି ନ ଥିବାରୁ ଧାନ କ୍ରୟ ହେଉନଥିବା ବେଳେ ଚିନ୍ତାରେ ଚାଷୀମାନେ ଥିଲେ। ବର୍ତ୍ତମାନ ଟାର୍ଗେଟ ଆସିଲା କିନ୍ତୁ ମଣ୍ଡିରୁ ଖାଲି ହୋଇ ପାରୁନି ଧାନ। ମିଲର୍ସମାନଙ୍କୁ ବିଭିନ୍ନ ମଣ୍ଡିରୁ ଧାନ ଉଠାଇବା ପାଇଁ ଯୋଗାଣ ବିଭାଗ ଆଦେଶ ଦେଇଥିବା ବେଳେ ତାହା କାର୍ଯ୍ୟକାରୀ ହୋଇପାରୁନି।

## କାର୍‌ରୁ ଗଞ୍ଜେଇ ଜବତ, ଡ୍ରାଇଭର ଗିରଫ

କୋଡିଙ୍ଗା, ୮।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଡିଙ୍ଗା ଥାନା ଅଧୀନ ଡେଙ୍ଗାଗୁଡ଼ା ନିକଟରେ ଗାଡିମୋଟର ଯାଞ୍ଚବେଳେ ପୋଲିସ ଏକ କାରରୁ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଗାଡି ଡ୍ରାଇଭର କୋରାପୁଟ ଜିଲା ପଟ୍ଟାଙ୍ଗୀ ଥାନା ପାଣ୍ଡଇ ଗ୍ରାମର ଇରିଆ ଅଡକାଟିଆ(୨୮)ଙ୍କୁ ପୋଲିସ ଗିରଫ କରିଛି। କୋରାପୁଟ ଜିଲା କୋଟପାଡ଼ଠାରୁ କଳାହାଣ୍ଡି ଧର୍ମଗଡ଼କୁ ଏହି ଗଞ୍ଜେଇ ଚାଲାଣ ହେଉଥିବା ପୋଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ, କୋଡିଙ୍ଗା ପୋଲିସ, କୋଡିଙ୍ଗା-ପାପଡାହାଣ୍ଡି ରାସ୍ତାର ଡେଙ୍ଗାଗୁଠାରେ ଗାଡି ଯାଞ୍ଚ କଲାବେଳେ କାର୍‌ଟିକୁ ଅଟକାଇଥିଲା। କାର୍ ଡିକିରୁ ୫୧ କିଲେ ଗଞ୍ଜେଇ ପୋଲିସକୁ ମିଳିଛି। ପୋଲିସ ୨୩/୨୧ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ। ଏହି ଯାଞ୍ଚବେଳେ କୋଡିଙ୍ଗା ଥାନାଧିକାରୀ ସରିତା ମହାପାତ୍ର, ଏସ୍ଆଇ ଦେବଦତ୍ତ ମଲ୍ଲିକ, ଏଏସଆଇ ଗୌରଚନ୍ଦ୍ର ମିଶ୍ର, କନଷ୍ଟେବଲ ଦିଲ୍ଲୀପ ମାଝି, ଗୃହରକ୍ଷୀ ଧୀରେନ ନାୟକ, ଜଗବନ୍ଧୁ ଭତରା ଏବଂ ବି.ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

## ନବମ, ଏକାଦଶ ପାଠପଢା ଆରମ୍ଭ


ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଛାତ୍ରୀଛାତ୍ରଙ୍କ ପାଠପଢା ଚାଲିଛି।

ନବରଙ୍ଗପୁର, ୮।୨(ବି.ପ୍ର.)

ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ସୋମବାର ଠାରୁ ନବରଙ୍ଗପୁରର ବିଭିନ୍ନ ହାଇସ୍କୁଲ ଓ କଲେଜରେ ନବମ ଓ ଏକାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠପଢା ଆରମ୍ଭ ହୋଇଛି। ଏହା ପୂର୍ବରୁ ସ୍କୁଲ ପରିସର, ଶ୍ରେଣୀ ଗୃହକୁ ସାନିଟାଇଜ୍ କରାଯାଇଛି। ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ଥର୍ମାଲ ସ୍କ୍ରିନିଂ ସହ ହାତ ସାନିଟାଇଜ୍ କରାଇ ଶ୍ରେଣୀ ଗୃହକୁ ପଠାଯାଇଛନ୍ତି। ସାମାଜିକ ଦୂରତା ରଖି ପିଲାମାନେ ଶ୍ରେଣୀ ଗୃହରେ ବସିଥିଲେ। ପ୍ରକାଶ ଯେ, କରୋନା ପାଇଁ ମାର୍ଚ୍ଚ ୨୦୨୦ରୁ ସମସ୍ତ ସ୍କୁଲ କଲେଜ ବନ୍ଦ ଥିଲା। ଜାନୁୟାରୀ ୮ରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠପଢା ଆରମ୍ଭ ହୋଇଥିଲା। ସୋମବାରଠାରୁ ନବମ ଓ ଏକାଦଶ ଶ୍ରେଣୀ ପିଲାଙ୍କ ପାଠପଢା ଆରମ୍ଭ ହୋଇଛି। ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ପାଠପଢା ଚାଲିବ। ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ଏକ ୟୁନିଟ୍ ଟେଷ୍ଟ କରାଯିବ। ଏପ୍ରିଲ ଶେଷ ସପ୍ତାହରେ ବାର୍ଷିକ ପରୀକ୍ଷା ହେବ ବୋଲି ସୂଚନା ମିଳିଛି।

## ବାଫଲିମାଳି ଖଣି ଅଞ୍ଚଳରେ ପରିବେଶ ସଚେତନତା

ରାୟଗଡ଼ା ଅଫିସ/ଟିକିରି, ୮।୨(ଡି.ଏନ୍.ଏ.)



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ ।

ଉତ୍କଳ ଅଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ(ୟୁଏଆଇଏଲ) ବାଫଲିମାଳି ଖଣି ଅଞ୍ଚଳରେ ସୋସାଇଟି ଅଫ୍ ଜିଓ ସାଇଣ୍ଟିଷ୍ଟ ଆଣ୍ଡ ଆଲାଏଡ୍ ଟେକ୍ନୋଲୋଜିଷ୍ଟ ଭୁବନେଶ୍ୱର ଆନୁକୂଲ୍ୟରେ ପରିବେଶ ଓ ଖଣିଜ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରକାରୀ ୟୁଜି ହାଇସ୍କୁଲରେ ଏହା ଅନୁଷ୍ଠିତ ହୋଇଥିଲା। ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଏବଂ ନିକଟସ୍ଥ ଅଞ୍ଚଳର ୩ ହାଇସ୍କୁଲର ୨୦ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ବାଫଲିମାଳି ଖଣି ଏବଂ ଓଡ଼ିଶାର ଖଣିଜ ଭଣ୍ଡାର ଉପରେ ସଚେତନ କରାଯାଇଥିଲା। ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଖଣିଜ ଚିହ୍ନଟ, ବକ୍ତୃତା, ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ୟୁଏଆଇଏଲ୍‌ର ୟୁନିଟ ମୁଖ୍ୟ ମଜହର ବୈଗ୍ କହିଛନ୍ତି, ଏହାଦ୍ୱାରା ଛାତ୍ରୀଛାତ୍ର ପରିବେଶ ସୁରକ୍ଷାର ମହତ୍ତ୍ୱ ବୁଝିବେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଖଣି ମୁଖ୍ୟ ମୁକେଶ ଝା, କେ.ସି. ଜ୍ୟୋତିଷି(ଜିଓଲୋଜି ମୁଖ୍ୟ), ଶିବ ମହାପାତ୍ର(ସିଏସ୍ଆର୍ ମୁଖ୍ୟ), ଛାତ୍ରୀଛାତ୍ର ଏବଂ ସେମାନଙ୍କ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

## ବିଏମ୍ଏସ୍‌ର ନୂତନ କମିଟି ଚୟନ

ନବରଙ୍ଗପୁର,୮।୨(ବି.ପ୍ର.)

ଭାରତୀୟ ମଜଦୁର ସଂଘ (ବିଏମ୍ଏସ୍)ର ବାର୍ଷିକ ସମ୍ମିଳନୀ ଦାରୁବନ୍ଧ ସାହିସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ସଂଘର ରାଜ୍ୟ ଉପସଭାପତି ପ୍ରହ୍ଲାଦ ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସଂଘ ଜିଲା ସଭାପତି ବାଙ୍କ ବିହାରୀ ବିଷୋୟୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ଉପସଭାପତି ରଙ୍କନିଧି ଜେନା, ଜିଲା ଅଙ୍ଗନୱାଡି ସଂଘ ସଭାପତି ଭାଗ୍ୟବତୀ ଷଡଙ୍ଗୀ, ଜିଲା ଆଶାସାଥୀ ସଂଘ ସଭାନେତ୍ରୀ ସବିତା ପଣ୍ଡା ମଞ୍ଚାସୀନ ଥିଲେ। ଏହି ଅବସରରେ କରୋନା ଯୋଦ୍ଧାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହାପରେ ସଂଘର ନୂତନ କମିଟି ଗଠନ କରାଯାଇଛି। ଚଳିତବର୍ଷ ସଂଘ ସଭାପତି ଭାବେ ବାଙ୍କ ବିହାରୀ ବିଷୋୟୀଙ୍କୁ ଚୟନ କରାଯାଇଛି। ସେହିଭଳି ରଙ୍କନିଧି ଜେନା ଓ ସବିତା ନାୟକ ଉପସଭାପତି, ପରମେଶ୍ୱର ବିଷୋୟୀ ସମ୍ପାଦକ, ଅକ୍ଷୟଚରଣ ବିଷୋୟୀ ଓ ସବିତା ପଣ୍ଡା ସହସମ୍ପାଦକ, ମମତା ବ୍ରହ୍ମାଙ୍କ କୋଷାଧକ୍ଷଭାବେ ମନୋନିତ ହୋଇଛନ୍ତି। ଏହାଛଡ଼ା ୧୭ ଜଣ ସଭ୍ୟାସଭ୍ୟଙ୍କର ନାମ ଘୋଷଣା କରାଯାଇଛି।

## ଉଦ୍‌ଘାଟନୀ ମ୍ୟାଚ୍‌ରେ ବୋରିଗୁମ୍ମା ବିଜୟୀ

ତେନ୍ତୁଳିଖୁଣ୍ଟି, ୮।୨(ଡି.ଏନ୍.ଏ.)



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

### ସ୍ୱର୍ଗତ ମଦନମୋହନ ସିଂ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରୀଗୁଡା ମିନିଷ୍ଟାଡିୟମରେ ଆୟୋଜିତ ସ୍ୱର୍ଗତ ମଦନମୋହନ ସିଂ କ୍ରିକେଟ ଟୁର୍ନାମେଣ୍ଟକୁ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଉଦ୍‌ଘାଟନ କରିଛନ୍ତି। ଯୁବନେତା ଗୌରୀ ମାଝି, ବ୍ଲକ ଉପାଧକ୍ଷ ତନୟ ସାଗର ନାୟକ, ତ୍ରିନାଥ ନାୟକ, ସୂର୍ଯ୍ୟ ରନ୍ଧାରୀ, ପ୍ରଫୁଲ୍ଲ ନାଗ, ପ୍ରମୋଦ ଦାସ, କୁମର ପୂଜାରୀ, ସୁଧୀର ଖୁରା, କିଶୋର ଚନ୍ଦ୍ର ସିଂ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟ ଦଶ ଦିନ ଚାଲିବ। ଏଥିରେ ୧୮ଟି ଦଳ ଭାଗ ନେଇଛନ୍ତି। ବିଜୟୀ ଦଳକୁ ୨୦ ହଜାର ସହ ଚାମ୍ପିୟନର୍ସ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ପ୍ରଥମ ମ୍ୟାଚରେ ବୋରିଗୁମା ଓ ଡାବୁଗାଁ ପରସ୍ପରକୁ ଭେଟିଛନ୍ତି। ବୋରିଗୁମ୍ମା ଟିମ୍ ନିର୍ଦ୍ଧାରିତ ୧୬ ଓଭରରେ ୪ ଉଇକେଟ ହରାଇ ୧୫୦ ରନ୍ ସଂଗ୍ରହ କରିଥିଲା। ଜବାବରେ ଡାବୁଗାଁ ଟିମ୍ ମାତ୍ର ୫୦ ରନରେ ଅଲ୍‌ଆଉଟ୍ ହୋଇ ଯାଇଥିଲା। ଖେଳକୁ ସୁର ସାହୁ ଓ ସଞ୍ଜୟ ଖୁରା ପରିଚାଳନା କରିଥିଲେ। ଟୁର୍ନାମେଣ୍ଟ ସଭାପତି କୃଷ୍ଣ ପାଢ଼ୀ, ଉପଦେଷ୍ଟା ସୁନୀଲ କୁମାର ସିଂ, ସଭ୍ୟ ପଙ୍କଜ ଖୁରା ପରିଚାଳନା କରିଥିଲେ।

## ଆଶା କର୍ମୀ ସଂଘର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଆଶା କର୍ମୀ ସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ରାୟଗଡ଼ା ଅଫିସ,୮।୨

ଭାରତୀୟ ମଜଦୁର ସଂଘ(ବିଏମ୍ଏସ୍) ଦ୍ୱାରା ପରିଚାଳିତ ରାଜ୍ୟ ଆଶା କର୍ମୀ ସଂଘର ନିଷ୍ପତ୍ତି ଅନୁଯାୟୀ ସୋମବାର ରାୟଗଡ଼ା ଜିଲା ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ରାୟଗଡ଼ା ପିଡବ୍ଲୁଡି ଡ଼ାକବଙ୍ଗଳା ନିକଟରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ୫ ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନବେଳେ ବିଏମ୍ଏସ୍‌ର ରାଜ୍ୟ ସମ୍ପାଦକ ଯୋଗେଶ୍ୱର ଦାସ, ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ମଜଦୁର ସଂଘର ରାଜ୍ୟ ସଭାପତି ଅରୁଣ କୁମାର ଲେଙ୍କା, ବିଏମ୍ଏସ୍‌ର ଜିଲା ସମ୍ପାଦକ ଖଗେଶ୍ୱର ସିଂ, ଜିଲା ଉପସଭାପତି ମୋହନ ରାଓ ମାଝି, ଯୋଗ ଦେଇଥିଲେ। ରାୟଗଡ଼ା ଜିଲା ସଭାନେତ୍ରୀ ମମତା ବିଶାଳ ଓ ସମ୍ପାଦିକା ପୁଷ୍ପା ବେଉରିଆଙ୍କ ନେତୃତ୍ୱରେ ଶୋଭାଯାତ୍ରା ବାହାରିଥିଲା।

## କିନ୍ନରଙ୍କ ପାଇଁ ବ୍ୟାଟେରି ଚାଳିତ ଅଟୋ

ଗୁଣପୁର,୮।୨(ଡି.ଏନ୍.ଏ)

କିନ୍ନରଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ରାୟଗଡ଼ା ଜିଲା ଗୁଣପୁର ପୌର ପରିଷଦ ପକ୍ଷରୁ ସୋମବାର ବ୍ୟାଟେରି ଚାଳିତ ଅଟୋ ପ୍ରଦାନ କରାଯାଇଛି। ସହରକୁ ସ୍ୱଚ୍ଛ ଏବଂ ନିର୍ମଳ ରଖିବା ପାଇଁ ଏହି ଅଟୋ ଗଡ଼ିବ। ଗୁଣପୁର ଟାଉନ ହଲ୍‌ଠାରେ ବିଧାୟକ ରଘୁନାଥ ଗମାଙ୍ଗ, ପୌର ପ୍ରଶାସକ ତଥା ଗୁଣପୁର ଉପଜିଲାପାଳ ଜେ. ସୋନାଲ୍, ବିଡିଓ ଶାନ୍ତିପ୍ରଭା ପ୍ରଧାନ, ନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ରହି ଅଟୋଗୁଡ଼ିକର ଲୋକାର୍ପଣ କରିଥିଲେ। ଏହି ଅବସରରେ କିନ୍ନର ସଂଘର ଜିଲା ସଂପାଦକ ପିଙ୍କି ମହାପାତ୍ର ଉପସ୍ଥିତ ଥିଲେ।


ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଅଟୋଗୁଡିକୁ ଲୋକାର୍ପଣ କରୁଛନ୍ତି ।

## ବିପଜ୍ଜନକ ଅବସ୍ଥାରେ ଏସ୍ଏସ୍‌ଡି ହାଇସ୍କୁଲ ହଷ୍ଟେଲ

ଚନ୍ଦ୍ରପୁର,୮।୨(ଡି.ଏନ୍.ଏ.)

- ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନି
- ଶୀଘ୍ର ମରାମତି ଦାବି


ଡାଙ୍ଗସୋରଡ଼ାସ୍ଥିତ ଏସ୍ଏସ୍‌ଡି ହାଇସ୍କୁଲ ହଷ୍ଟେଲ।

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ଡାଙ୍ଗସୋରଡ଼ାସ୍ଥିତ ଗ୍ରାମ ମଙ୍ଗଳ ବିଭାଗ ଅଧୀନ ଏସ୍ଏସ୍‌ଡି ହାଇସ୍କୁଲ ହଷ୍ଟେଲ ବିପଜ୍ଜନକ ଅବସ୍ଥାରେ ରହିଛି। ଏଠାରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ରହି ପଢୁଥିବାବେଳେ ହଷ୍ଟେଲ କୋଠାଗୁଡ଼ିକ ଭାଙ୍ଗି ନଷ୍ଟ ହେବାକୁ ବସିଲାଣି। ଦୀର୍ଘଦିନ ହେଲା ହଷ୍ଟେଲର ଉପର ଟିଣ ଭାଙ୍ଗିଥିବାବେଳେ କାନ୍ଥ ମଧ ଫାଟି ଆଁ କରିଛି। ସେହିପରି ଅଧିକାଂଶ ଛାତ୍ରାବାସର ଚଟାଣ ଫାଟି ନଷ୍ଟହେବାକୁ ବସିଲାଣି। ଏଭଳି ସ୍ଥିତିରେ ପିଲାମାନେ ଏଠାରେ ରହୁଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଏଥିପ୍ରତି ଦୃଷ୍ଟି ପଡୁ ନ ଥିବା କେତେଜଣ ଅଭିଭାବକ ଅଭିଯୋଗ କରିଛନ୍ତି। ଏବେ କେବଳ ୧୦ମ ଶ୍ରେଣୀ ପିଲା ଏଠାରେ ରହି ପଢୁଛନ୍ତି। କିଛିଦିନ ପରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ସ୍କୁଲ ମଧ ଖୋଲିଯିବ। ହଷ୍ଟେଲରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ରହିବେ। ଫଳରେ ସମସ୍ୟା ମଧ ବଢ଼ିବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଏଠାରେ ୬୩୦ ଛାତ୍ରୀଛାତ୍ର ପଢୁଥିବାବେଳେ ସେମାନଙ୍କ ସୁବିଧା ଏବଂ ସୁରକ୍ଷା ଦୃଷ୍ଟିରୁ ହଷ୍ଟେଲ ଏବଂ ଶ୍ରେଣୀଗୃହ ମରାମତି କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

ଧରିତ୍ରୀ
DHARITRI
ରାୟଗଡ଼ା, ମଙ୍ଗଳବାର, ଫେବୃୟାରୀ ୯, ୨୦୨୧

## ଓଡିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘ ନିର୍ବାଚନ

ଜୟପୁର,(ନି.ପ୍ର. )-ଓଡିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ସାଉଥକୋର ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ରାମକୃଷ୍ଣ ସାହୁଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ରୂପେ କେନ୍ଦ୍ରୀୟ କାର୍ଯ୍ୟକାରୀ ସଭାପତି ଦାନବନ୍ଧୁ ମହାନ୍ତି ଓ ନିଖିଳ ଓଡିଶା ବିଦ୍ୟୁତ୍ ମହାସଂଘର ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ କୁମାର ମାହାପାତ୍ର ଉପସ୍ଥିତ ଥିଲେ। ପ୍ରଥମେ ଶ୍ରମିକ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଡିଭିଜନରେ ଦିନକୁ ଦିନ ବିଦ୍ୟୁତ୍ ଉପଭୋକ୍ତା ବଢୁଥିବା ବେଳେ ସୀମିତ ଶ୍ରମିକ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ କରିବା କଷ୍ଟକର ହେଉଥିବା ଆଲୋଚନା ହୋଇଥିଲା। କୋରାପୁଟ ଡିଭିଜନ ସମ୍ପାଦକ ଅନ୍ୟ ସଙ୍ଗଠନର କେତେକ ବ୍ୟକ୍ତି ମିଥ୍ୟା ପ୍ରତିଶ୍ରୁତି ଦେଇ ଅର୍ଥ ସଂଗ୍ରହ କରୁଥିବା ଅଭିଯୋଗ କରିଥିଲେ। କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସର୍ବସମ୍ମତି କ୍ରମେ ଡିଭିଜନ ସମ୍ପାଦକ ରୂପେ ଗୋପୀନାଥ ସାହୁ, ସହ ସମ୍ପାଦକ ରାଜେଶ ମହାରଣା, ସଙ୍ଗଠନ ସମ୍ପାଦକ ବୃନ୍ଦାବନ ସାହୁ ଓ କୋଷାଧ୍ୟକ୍ଷ ରୂପେ ଟି. ଶଙ୍କର ଚୟନ ହୋଇଥିଲେ।



## ସଂକ୍ଷେପରେ

### ବୈଠକ ପରେ ଗାଳିଗୁଲଜ ନେଇ ଥାନାରେ ଏତଲା

ମାଲକାନଗିରି,୮।୨(ଡି.ଏନ୍.ଏ.)- ମାଲକାନଗିରି ଜିଲାରେ ୧୧ରେ ବିଜୁ ଯୁବ ସମ୍ମିଳନୀ ଅନୁଷ୍ଠିତ ହେବ। ଏ ନେଇ ସୋମବାର ସର୍କିଟ ହାଉସଠାରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ଜିଲା ବିଜେଡି ସଭାପତି ତଥା ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଜିଲା ଯୁବ ବିଜୁ ଜନତା ଦଳ ସଭାପତି ଆଡମା ରାବା, ଜିଲା ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦର ଅଧ୍ୟକ୍ଷ ମାନସ ମାଡକାମିଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ୧୧ ତାରିଖ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ବୈଠକ ଶେଷ ହେବା ପରେ ଜିଲା ବିଜେଡି ଯୁବ ସଭାପତି ଆଡମା ରାବାଙ୍କ ଉପସ୍ଥିତିରେ ୨ଜଣ ବିଜେଡି ଯୁବନେତା କୌଣସି କାରଣ ନେଇ ପୂର୍ବତନ ଜିଲା ପରିଷଦ ସଭ୍ୟା ପ୍ରଶାନ୍ତିଲତା ବିଷୋୟୀ ଓ ଦୁଲାଲୀ ଅଣ୍ଡରଙ୍କୁ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ପରେ ଏହାକୁ ନେଇ ଉଭୟ ପକ୍ଷ ମାଲକାନଗିରି ଥାନାରେ ଏତଲା ଦେଇଛନ୍ତି। ସାମବାରର ଏହି ଘଟଣା ପରେ ୧୧ର ଯୁବ ସମ୍ମିଳନୀ ସଫଳତା ନେଇ ସନ୍ଦେହ ପ୍ରକାଶ ପାଇଛି।

### କୃମିନାଶ ଦିବସ ପାଳନ ନେଇ ବୈଠକ

ପଡ଼ିଆ,୮।୨(ଡି.ଏନ୍.ଏ.)-ପଡିଆ ସଦର ବ୍ଲକସ୍ଥିତ ଆଶ୍ରମ ବିଦ୍ୟାଳୟ ପରିସରରେ ଆସନ୍ତା ୧୦ରେ କୋଭିଡ୍ କଟକଣା ପାଳନ କରାଯାଇ କୃମିନାଶ ଦିବସ ପାଳନ ହେବାକୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଗ୍ରାମରେ ୧ ବର୍ଷରୁ ୧୯ ବର୍ଷର ସମସ୍ତ ବାଳିକାବାଳକଙ୍କୁ କୃମିନାଶକ ସିରପ ପ୍ରଦାନ କରାଯିବ। ଏନେଇ ବ୍ଲକର ୮ଟି ପଞ୍ଚାୟତର ସମସ୍ତ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୋମବାର ଏକ ପ୍ରଶିକ୍ଷଣ ଶିବିର ହୋଇଥିଲା। ଡାକ୍ତର ବୁଦ୍ଧେକେଶ୍ୱର ମାଝି, ଚିତ୍ତରଞ୍ଜନ ମିଶ୍ର,ପିଏଚ୍ଇଓ ନବୀନ ଚନ୍ଦ୍ର ସମରଥ,ସୁପରଭାଇଜର ବିଜୟ କୁମାର ନାୟକ, ଗଦାଧର ମଣ୍ଡଳଙ୍କ ସମେତ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ।

### ଶିବିରାର୍ଥୀ ସାହସୀ, କ୍ଷମାଶୀଳ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ

ଜୟପୁର,୮।୨(ନି.ପ୍ର.)-ସରକାରୀ ମହିଳା ମହାବିଦ୍ୟାଳୟ ଯୁବ ରେଡ୍କ୍ରସ୍ ଆନୁକୂଲ୍ୟରେ ଚାଲିଥିବା କ୍ଲଷ୍ଟରସ୍ତରୀୟ ସ୍ୱେଚ୍ଛାସେବୀ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ ଉତ୍ସବରେ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପାଳ ହାଲ୍ଦାର ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାସେବୀମାନେ ସେବା କାର୍ଯ୍ୟ ପ୍ରଥମେ ନିଜ ପରିବାର ଓ ଅନୁଷ୍ଠାନରୁ ଆରମ୍ଭ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ରେଡ୍କ୍ରସ୍ କାଉନସିଲର ସମ୍ପାଦକ ଡ. ପ୍ରକାଶ ପ୍ରଧାନ ଯୋଗଦେଇ ଶିବିରାର୍ଥୀଙ୍କୁ ରେଡ୍କ୍ରସ୍ର ମୂଳମନ୍ତ୍ର ସମ୍ପର୍କରେ ଅବଗତ କରାଇଥିଲେ। ଅଧ୍ୟକ୍ଷା ଡ. ମନୋରମା ଦେବୀ ସଭାପତିତ୍ୱ ଅଭିଭାଷଣ ରଖି ଶିବିରାର୍ଥୀଙ୍କୁ ସାହସୀ ଓ କ୍ଷମାଶୀଳ ହୋଇ ସମାଜ କଲ୍ୟାଣ ଲାଗି ନିଜକୁ ସମର୍ପିତ କରିବାକୁ ପରାମର୍ଶ ଦେଇଥିଲେ। ଏହି ତିନିଦିନିଆ ଶିବିରରେ ଉଭୟ ସରକାରୀ ମହିଳା ମହାବିଦ୍ୟାଳୟ ଜୟପୁର ଓ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୨ ଓ ଯୁକ୍ତ ୩ର ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ଲମତାପୁଟ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରବୀଣ କୁମାର ବିଷୋୟୀ, ମାଲକାନଗିରି ମହାବିଦ୍ୟାଳୟର ଆଶିଷ ରାଠୋର ଓ ନରେଶ ଚନ୍ଦ୍ର ସାହୁ , ଅଗ୍ନିଶମ ବିଭାଗ ଅଧିକାରୀ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଶିକ୍ଷା ପ୍ରଦାନ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ମନୋରଞ୍ଜନ ପ୍ରଧାନ, ଡମ୍ବରୁଧର ଦାସ, କନକଲତା ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଚାଷୀଙ୍କ ଦଖଲରେ ଥିବା ଜମିକୁ ମିଳିବ କ୍ଷତିପୂରଣ

କୁନ୍ଦୁରା,୮।୨(ଡି.ଏନ.ଏ.)


ଜନଶୁଣାଣିରେ ଉପସ୍ଥିତ ଚାଷୀ।

କୋରାପୁଟ ଜିଲା ଜୟପୁର ବ୍ଲକ ଅଧୀନରେ ଥିବା ଫାମ୍ପୁଣିଠାରେ ସୋମବାର ଜୟପୁରଠାରୁ ମାଲକାନଗିରି ପର୍ଯ୍ୟନ୍ତ ରେଳଲାଇନ ପାଇଁ ଜମି ଅଧିଗ୍ରହଣ ନେଇ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉପଜିଲାପାଳ ହେମକାନ୍ତ ସାଏ, ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁକାନ୍ତି ବାଗଦେରିଆ, ସରପଞ୍ଚ ପ୍ରତିମା ନାୟକ, ଚାଷୀ ରବୀନ୍ଦ୍ର ଚୌଧୁରୀ, ସୁକାନ୍ତ ରାଉତ, ମକର ବାଗଦେରିଆ, ଗୁପ୍ତ ଗୌଡ଼, ବାବୁ ଗୌଡ଼,ପ୍ରଦୀପ ପାତ୍ର, ବାଳକୃଷ୍ଣ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜୟପୁର-ମାଲକାନଗିରି ରେଳପଥ ପାଇଁ ଫାମ୍ପୁଣି ପଞ୍ଚାୟତର ଅନେକ ଚାଷୀଙ୍କ ଜମି ଅଧିଗ୍ରହଣ କରିବାକୁ ପଡୁଛି।

### ରେଳ ଜମି ଅଧିଗ୍ରହଣ ନେଇ ଜନଶୁଣାଣି

ଏହି ପଞ୍ଚାୟତରୁ ୧୮୭.୨୯୯ ଏକର ଜମି ଅଧିଗ୍ରହଣ ହେବ। ଏଠାରେ ଅଧିଗ୍ରହଣ ହେବାକୁ ଥିବା ଚାଷଜମି ଦୋଫସଲି। ଖରିଫ ଓ ରବିଚାଷ ହୋଇଥାଏ। ଅଧିଗ୍ରହଣ ବେଳେ ଯେଉଁ ଜମିଗୁଡିକ ଚାଷୀଙ୍କ ଦଖଲରେ ଥିବ ସେହି ଜମିର ଚାଷୀଙ୍କୁ କ୍ଷତିପୂରଣ ବାବଦରେ ସହାୟତା ମିଳିବ ବୋଲି ଜନଶୁଣାଣିରେ ନିଷ୍ପତ୍ତି ହୋଇଥିଲା।

# ଯାତାୟାତରେ ଅସୁବିଧା ଭୋଗୁଛନ୍ତି ଲୋକେ

ସୁନାବେଡ଼ା,୮।୨(ସ୍ୱ.ପ୍ର.)



୨୬ଗୋଟି ୱାର୍ଡକୁ ନେଇ ସୁନାବେଡ଼ା ପୌର ପରିଷଦ ଗଠିତ। ସମସ୍ତ ଅଞ୍ଚଳର ବିକାଶ ପାଇଁ ଏଠାରେ ସରକାରଙ୍କ ଅନୁଦାନ ଅର୍ଥ ବିନିଯୋଗ ହେଉଛି। ମାତ୍ର ଏଥିରୁ ବିଶେଷ ସୁଫଳ ମିଳୁ ନ ଥିବା ଦେଖିବାକୁ ମିଳୁଛି। ସୁନାବେଡ଼ା ଏବଂ ସେମିଳିଗୁଡ଼ା ମଧ୍ୟରେ ରହିଥିବା ୨୬ଟି ୱାର୍ଡର ଜନସାଧାରଣଙ୍କ ସୁବିଧା ପାଇଁ ପୌର ପ୍ରଶାସନ ଷ୍ଟ୍ରିଟ୍ ଲାଇଟ ବ୍ୟବସ୍ଥା କରିଛି। ମାତ୍ର ଏଥିରୁ ଲୋକେ ଉପକୃତ ହେଉ ନ ଥିବା ଦେଖିବାକୁ ମିଳୁଛି। କେଉଁଠି ବିଦ୍ୟୁତ୍ ଖୁଣ୍ଟ ରହିଛି ତ କୋଉଁଠି ଖୁଣ୍ଟର ଲାଇଟ ଅଚଳ ହୋଇପଡିଛି। ସୁନାବେଡ଼ା ଏବଂ ସେମିଳିଗୁଡ଼ା ସହରର ସୁନାବେଡ଼ା-୧ ସ୍ଥିତ ବସ୍ଷ୍ଟାଣ୍ଡ ଛକ, ଏଇଏଫ୍ ମାର୍କେଟ ଛକ,ପୋଲିସ କ୍ୟାମ୍ପ ଛକ, ଓସିସି ନଗର ଛକ, ଟ୍ରାଫିକ ଛକ, ପେଟ୍ରୋଲ ପମ୍ପ ନିକଟ ଛକ,ଗଙ୍ଗା ମା' ମନ୍ଦିର ନିକଟ ଛକଠାରେ ହାଇମାଷ୍ଟ ଏଲ୍ଇଡି ଲାଇଟ ବ୍ୟବସ୍ଥା କରାଯାଇଥିଲା। ପୌର ପ୍ରଶାସନର ଅବହେଳାରୁ କେତେକ ସ୍ଥାନରେ ଲାଇଟ୍ଗୁଡ଼ିକ୍ ଅଚଳ ହୋଇପଡଛି। ସେହିପରି ହାଇମାଷ୍ଟ ଲାଇଟଗୁଡିକରେ ୫ଟି ଲେଖାଏ ଏଲ୍ଇଡି ବଲ୍ବ ରହିବାକୁ ଉଦ୍ଦିଷ୍ଟ ଥିବା ବେଳେ କେଉଁଠି ଗୋଟିଏ କିମ୍ବା ଦୁଇଟି ବଲ୍ବ ରହିଛି। ସେମିଳିଗୁଡ଼ା ସହରର ଓସିସି

### ସଜଡ଼ାଯାଉନି ଅଚଳ ଲାଇଟ୍

ନଗର ଅଞ୍ଚଳର ମୁଖ୍ୟ ସ୍ଥାନ ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଲାଇଟ୍ ୯ ମାସ ହେଲା ଅଚଳ ହୋଇପଡିଥିଲେ ମଧ୍ୟ ଏହାକୁ ମରାମତି କରାଯାଉନାହିଁ। ପୋଲିସ କ୍ୟାମ୍ପ ଛକ ଏବଂ ସୁନାବେଡ଼ା-୧, ବସ୍ଷ୍ଟାଣ୍ଡ ଛକଠାରେ ଥିବା ଲାଇଟ୍ ୨ ବର୍ଷରୁ ଉର୍ଦ୍ଧ୍ୱ ହେବ ଅଚଳ ହୋଇ ପଡିଛି। ଲାଇଟ୍ ନ ଥିବାରୁ ଉକ୍ତ ଅଞ୍ଚଳ ଦେଇ ଯାତାୟାତ ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଓସିସି ନଗରବାସୀ କହିଛନ୍ତି। ସୁନାବେଡ଼ା ପୌର ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ଅଚଳ ଲାଇଟ୍ଗୁଡିକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି। ଏନେଇ ପୌର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କୁ ପଚାରିବାରୁ ସେ କହିଛନ୍ତି, ଆମେ ଦେଖୁଛୁ ଯେତେ ଶୀଘ୍ର ହୋଇପାରିବ ସେସବୁ ମରାମତି କରି କାର୍ଯ୍ୟକ୍ଷମ କରିବୁ।

### ଜିଲାପାଳଙ୍କ ଦୁର୍ଗମ ଅଞ୍ଚଳରେ ବିକାଶ କାର୍ଯ୍ୟ ତଦାରଖ

ଗୁଣପୁର,୮।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲାପାଳଭାବେ ସରୋଜ କୁମାର ମିଶ୍ର କାର୍ଯ୍ୟରେ ଯୋଗଦେବା ପରେ ସୋମବାର ପ୍ରଥମଥର ପାଇଁ ଗୁଣପୁର ବ୍ଲକ୍ ଗସ୍ତରେ ଆସିଥିଲେ। ବ୍ଲକ୍ର ଦୁର୍ଗମ ଅଞ୍ଚଳକୁ ଯାଇ ସେ ଲୋକଙ୍କ ସମସ୍ୟା ବୁଝିଥିଲେ। ସକାଳେ କେନ୍ଦ୍ରୀୟ ବିଦ୍ୟାଳୟଠାରେ କାର୍ଯ୍ୟକାରୀ କମିଟିର ବୈଠକରେ ଯୋଗଦେଇ ଭିତ୍ତିଭୂମି ବିକାଶ ନେଇ ଆଲୋଚନା କରିଥିଲେ। ପରେ ସେ ଭୀମପର ପଞ୍ଚାୟତର ସୀମା, ମାଛଡିଆଁ ଏବଂ ତିନିଆମ୍ବ ଭଳି ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଅଞ୍ଚଳର ବିକାଶ ଏବଂ ସରକାରଙ୍କ ବିଭିନ୍ନ ଯୋଜନା ଲୋକଙ୍କ ନିକଟରେ ପହଞ୍ଚୁଛି କି ନାହିଁ ସେ ବିଷୟରେ ଆଲୋଚନା କରିଥିଲେ। ଏହି ସମୟରେ ଜିଲାପାଳଙ୍କ ସହ ଗୁଣପୁର ଉପଜିଲାପାଳ ଜେ. ସୋନାଲ୍, ଆଇଟଡିଏ ପିଏ ଗୋରାଚାନ୍ଦ ଗମାଙ୍ଗ, ବିଡିଓ ଶାନ୍ତିପ୍ରଭା ପ୍ରଧାନ, ଭାରପ୍ରାପ୍ତ ତହସିଲଦାର ଫର୍ଡିନାଣ୍ଡ ଏକ୍କା, ଜିଲା ପରିଷଦ ସଭ୍ୟ ଅଶ୍ୱିନି ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

### ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

କୋଷାଗୁମୁଡ଼ା, ୮।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଭତ୍ତା ବଣ୍ଟନ କରାଯାଇଛି। ୧୧ ପଞ୍ଚାୟତର ୧୦୮ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ୧୨୦ ହିତାଧିକାରୀଙ୍କୁ ମଧୁବାବୁ ବାର୍ଦ୍ଧକ୍ୟ ଭତ୍ତା ଦିଆଯାଇଛି। ଏହି ସମୟରେ ନବରଙ୍ଗପୁର ଏମ୍ପି ରମେଶ ଚନ୍ଦ୍ର ମାଝି, ବିଧାୟକ ସଦାଶିବ ପ୍ରଧାନୀ, ବ୍ଲକ ଅଧ୍ୟକ୍ଷା ଗୀତାମଣୀ ସମରଥ, ଏମ୍ପିଙ୍କ ପ୍ରତିନିଧି ଯୋଗେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ପରଲୋକରେ ନାଟ୍ୟ ନିର୍ଦ୍ଦେଶକ ଭି. ଗୁପ୍ତେଶ୍ୱର

ନବରଙ୍ଗପୁର,୮।୨(ବି.ପ୍ର.)

ନବରଙ୍ଗପୁର ଜିଲାର ଜଣେ ବିଶିଷ୍ଟ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ଓ ଅଭିନେତା ଭି. ଗୁପ୍ତେଶ୍ୱର ରାଓ(ବାବୁ ରାଓ)ଙ୍କ ୮୬ ବର୍ଷରେ ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କ ଏକ ମାତ୍ର ପୁଅ ଭି. ରାଜା ରାଓ ଓ ଝିଅମାନେ ଉପସ୍ଥିତ ଥିଲେ। ତାଙ୍କ ନାଁରେ ନିରପରାଧି, ସକ୍ଷୀ, ପୁର୍ନଜନ୍ମ, ଆଲରୁ ସୀତାରାମ ରାଜୁ, ଚିଲାରୁଟୋକୀ ଚିତାମା ଭଳି ଜନପ୍ରୀୟ ନାଟକ ରହିଛି। ସେ ମହା ବିଷୁବ, କୁଞ୍ଜବିହାରୀ ଓ ନାଟ୍ୟ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଜିଲାପାଳ ଅଜିତ୍ କୁମାର ମିଶ୍ର, ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ବିଜେଡି ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ପ୍ରହ୍ଲାଦ ତ୍ରିପାଠୀ ଶୋକ ବ୍ୟକ୍ତ କରିଛନ୍ତି। ମଙ୍ଗଳବାର ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହେବ।

# ୨୩ ଲକ୍ଷର ଭିତ୍ତିପ୍ରସ୍ତର, ହେଲିକପ୍ଟରରେ ୧୦ଲକ୍ଷ ଖର୍ଚ୍ଚ

ଭୁବନେଶ୍ୱର, ୮।୨(ବ୍ୟୁରୋ):

ଧାନକିଣାକୁ ନେଇ ରାଜ୍ୟରେ ବହୁ ସମସ୍ୟା ଲାଗି ରହିଛି। ବାଧ୍ୟହୋଇ କେତେଜଣ କ୍ଷୁଦ୍ର, ନାମମାତ୍ର ଏବଂ ଭାଗଚାଷୀ ଦଲାଲ ଓ ମିଲ୍ ମାଲିକଙ୍କୁ କମ୍ ଦାମ୍ରେ ଧାନ ବିକିଲେ। କେତେଜଣ ଦଲାଲ ଓ ମିଲ୍ ମାଲିକ ଜାଲ୍ କାଗଜପତ୍ର କରି ନିଜକୁ ଭାଗଚାଷୀ ଦର୍ଶାଇ ମଣ୍ଡିକୁ ଧାନ ଆଣିଲେ । ସରକାର ସ୍ୱଚ୍ଛତା ପାଇଁ ଟୋକନ ବ୍ୟବସ୍ଥା କରିଥିବା କହୁଥିଲେ ମଧ୍ୟ ଏପରି ଦଲାଲ ଓ ମିଲ୍ ମାଲିକଙ୍କ ଟୋକନ କିପରି ପ୍ରଥମେ ଆସିଲା, ଏବେ ପ୍ରକୃତ ଚାଷୀର ଧାନ କାହିଁକି ଉଠୁନାହିଁ ବୋଲି ଭାଜପା ରାଜ୍ୟ ଉପସଭାପତି ବଳଭଦ୍ର ମାଝି ପ୍ରଶ୍ନ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ବଳଭଦ୍ର କହିଛନ୍ତି, କେନ୍ଦ୍ରରୁ ଧାନକିଣା ବାବଦରେ ରାଜ୍ୟ ସରକାର ବର୍ଷକୁ ପ୍ରାୟ ୫୦୦ କୋଟି ଟଙ୍କା ପାଉଛନ୍ତି। ତଥାପି ମଣ୍ଡି ଓ ଧାନ କିଣାବିକା ସୁବ୍ୟବସ୍ଥିତ ହୋଇପାରିନାହିଁ। ଅଳ୍ପ କିଛି ମଣ୍ଡିକୁ ଛାଡ଼ିଦେଲେ, ଅନ୍ୟ ସ୍ଥାନରେ କୌଣସି ବ୍ୟବସ୍ଥା ନାହିଁ। ଚାଷୀକୁ ଅଖା ବାବଦକୁ ଅର୍ଥ ଦିଆଯାଉନାହିଁ। ଫେବୃୟାରୀ ୨ରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ନବରଙ୍ଗପୁରର ଆର୍ଏମ୍ସି ପ୍ରାଙ୍ଗଣରେ ଏକ ନବନିର୍ମିତ 'କୃଷକ ସୂଚନା କେନ୍ଦ୍ର'ର ଉଦ୍ଘାଟନ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିଲେ । ଚାଷୀଙ୍କ ସମସ୍ୟା, ଟୋକନ ଅବ୍ୟବସ୍ଥା, ବିଶେଷକରି ଧାନ କିଣାବିକା ବିଷୟରେ ଅବଗତ କରିବା ପାଇଁ ଚାଷୀ ସେଠାରେ ଉପସ୍ଥିତ ଥିବା ସମୟରେ ଜିଲାପାଳ ଏହା ସରକାରୀ କାର୍ଯ୍ୟକ୍ରମ କହି ଚାଷୀଙ୍କୁ ତାଗିଦ କରିଥିଲେ । ସେହି ସମୟରେ ବିଜେଡି କର୍ମୀମାନେ ଦଳୀୟ ପତାକା ଧରି ଜିନ୍ଦାବାଦ ସ୍ଲୋଗାନ ଦେଇ ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କୁ ସ୍ୱାଗତ କରିଥିଲେ । ଦୁର୍ଭାଗ୍ୟର କଥା ଯୋଜନା ବୋର୍ଡ ଉପାଧ୍ୟକ୍ଷ ଚାଷୀଙ୍କ ଅଭିଯୋଗ ନ ଶୁଣି କେବଳ ୨୪ ଘଣ୍ଟାରେ ଧାନ ଉଠିଯିବ କହି ଚାଲିଗଲେ। ଗତ ୨ ତାରିଖରେ ଦାସବର୍ମା ଓ ପ୍ରଣବ ପ୍ରକାଶ ଦାସ ସରକାରୀ ଖର୍ଚ୍ଚରେ ହେଲିକପ୍ଟର ଯୋଗେ ରାଇଘର ଯାଇଥିଲେ। ଗସ୍ତକୁ ସରକାରୀ ରୂପ ଦେବା ପାଇଁ ରାଇଘରଠାରେ ଏକ ପ୍ରସୂତି ଗୃହର ଭିତ୍ତିପ୍ରସ୍ତର ସ୍ଥାପନର ଭୂମିପୂଜା କାର୍ଯ୍ୟକ୍ରମ ରଖାଯାଇଥିଲା। ୨୩ ଲକ୍ଷ ଟଙ୍କାରେ ନିର୍ମିତ ହେବାକୁ ଥିବା ଏହି ଗୃହ ପାଇଁ ରାଜକୋଷରୁ ହେଲିକପ୍ଟର ବାବଦରେ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବା କେତେଦୂର ଯଥାର୍ଥ ବୋଲି ବଳଭଦ୍ର ପ୍ରଶ୍ନ କରିଛନ୍ତି।

### ସଞ୍ଜୟ, ପ୍ରଣବଙ୍କ ରାଇଘର ଗସ୍ତକୁ ଭାଜପାର ବିରୋଧ

ଭାଜପା ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା କହିଛନ୍ତି, ଭାଜପା ପ୍ରଥମେ ଆତ୍ମସମୀକ୍ଷା କରୁ କାହିଁକି ଦେଶର ଲକ୍ଷଲକ୍ଷ ଚାଷୀ ରାସ୍ତାରେ ଅଛନ୍ତି। ମଣ୍ଡିକୁ ନେଇ କୁମ୍ଭୀରକାନ୍ଦଣା ବନ୍ଦ କରନ୍ତୁ। ନବରଙ୍ଗପୁରଠାରେ ଧାନ ସଂଗ୍ରହର ସମୀକ୍ଷା କରି ଲକ୍ଷେ କୁଇଣ୍ଟାଲ ଧାନ ତୁରନ୍ତ ଉଠାଇବାକୁ ବ୍ୟବସ୍ଥା କରାଯାଉ ବୋଲି ନିର୍ଦ୍ଦେଶ ଦେଇଥିଲି। ପରବର୍ତ୍ତୀ ସମୟରେ ପଞ୍ଜୀକୃତ ଚାଷୀଙ୍କ ସବୁ ଧାନ ସରକାର ଉଠାଇବେ। ୫୫ ମଣ୍ଡିରୁ ଧାନ ସଂଗ୍ରହ ସରିଛି। ଭାରତର ଚାଷୀ ୭୫ ଦିନ ହେଲା ରାସ୍ତାରେ ଆନ୍ଦୋଳନ କରିବା ଘଟଣାରୁ କେନ୍ଦ୍ରର ଚାଷୀ ବିରୋଧୀ ଆଭିମୁଖ୍ୟକୁ ଲୋକେ ସ୍ପଷ୍ଟଭାବେ ବୁଝୁଛନ୍ତି ବୋଲି ଦାସବର୍ମା କହିଛନ୍ତି।

# ଆନ୍ତଃରାଜ୍ୟ ରାତ୍ରିକାଳୀନ ଟେପିଂ ହିଟ୍ ଭଲିବଲ ଟୁର୍ନାମେଣ୍ଟ

କୋଟପାଡ଼,୮।୨ (ଡି.ଏନ.ଏ.)

କୋରାପୁଟ ଜିଲା କୋଟପାଡ଼ ଟାଉନ କମିଟି ଆନୁକୂଲ୍ୟରେ ସ୍ୱର୍ଗତ ବାସୁଦେବ ବିଶୋୟୀ ସ୍ମାରକୀ ଆନ୍ତଃରାଜ୍ୟ ରାତ୍ରିକାଳୀନ ଟେପିଂ ହିଟ୍ ଭଲିବଲ ଟୁର୍ନାମେଣ୍ଟ ସୋମବାର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଉଦ୍ଘାଟିତ ହୋଇ ଯାଇଛି। ଏହା ୩ ଦିନ ଧରି ଚାଲିବ। ଏଥିରେ୧୬ଟି ଦଳ ଅଂଶଗ୍ରହଣ କରିବେ। ପ୍ରଥମ ଦିନ ଉଦ୍ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଛତିଶଗଡ଼ ଜଗଦଲପୁରର ପୂର୍ବତନ ଏମ୍ପି ଦୀନେଶ କାଶ୍ୟପ, ସମ୍ମାନିତ ଅତିଥି ରୂପେ କୋଟପାଡ଼ ପୂର୍ବତନ ବିଧାୟକ ଚନ୍ଦ୍ର ଶେଖର ମାଝୀ ଯୋଗ ଦେଇଥିଲେ। ପ୍ରତ୍ୟେକ ମ୍ୟାଚ ବେଷ୍ଟ ଅଫ୍ ୩ ଟିଟି ପଏଣ୍ଟ ପାଇଥିବା ବେଳେ ଫାଇନାଲ ମ୍ୟାଚ ବେଷ୍ଟ ଅଫ ୫ଟି ମ୍ୟାଚ ରଖାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କମିଟି ସଭାପତି ଏମ. ଶଙ୍କର ରାଓ, ସମ୍ପାଦକ ଗଣେଶ ଚନ୍ଦ୍ର ପଣ୍ଡା, ଆଇନଜୀବୀ ମଣିପ୍ରସାଦ ପଟ୍ଟନାୟକ, ରାଜେନ୍ଦ୍ର ପ୍ରସାଦ ନାୟକ, ବାଳକୃଷ୍ଣ ବିଶୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚଗୁଡିକୁ କୋରାପୁଟର ଏସ, କୃଷ୍ଣରାଓ ଓ କାମନା ରାଓ ପରିଚଳନା କରିଥିଲେ।

# କୋଟିଆର ସାମୂହିକ ବିକାଶ ମୋର ପ୍ରାଥମିକତା ହେବ: ଜିଲାପାଳ


ଅଧିକାରୀମାନେ ଜିଲାପାଳଙ୍କୁ ସ୍ୱାଗତ କରୁଛନ୍ତି।

କୋରାପୁଟ,୮।୨(ସ୍ୱ.ପ୍ର.)

କୋରାପୁଟ ଜିଲାର ନୂତନ ଜିଲାପାଳ ଭାବେ ମହମ୍ମଦ ଅବଦୁଲ ଅକ୍ତାର ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ବିଦାୟୀ ଜିଲାପାଳ ମଧୁସୂଦନ ମିଶ୍ରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ କୋଟିଆର ସାମୁହିକ ବିକାଶ ନେଇ ୧୫୦ କୋଟି ଟଙ୍କା ବ୍ୟୟରେ ଚାଲିଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକୁ ସେ ପ୍ରାଧାନ୍ୟ ଦେବେ ବୋଲି କହିଛନ୍ତି। ବିକାଶମୂଳକ ଯୋଜନାର ଅଗ୍ରଗତି ଏବଂ କୋଟିଆର ସାମୁହିକ ବିକାଶ ମୋର ପ୍ରାଥମିକତା ହେବ ବୋଲି ଏହି ଅବସରରେ ଜିଲାପାଳ କହିଛନ୍ତି। ସୋମବାର ଜିଲାପାଳ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କୁ ବିଦାୟୀ ଜିଲାପାଳ ମିଶ୍ର ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର ନାୟକ, ଏପିଡି ମହେଶ୍ୱର ନାୟକ, ଉପଜିଲାପାଳ ଲଳିତ କୁମାର କହଁରଙ୍କ ସହିତ ଜିଲାର ସମସ୍ତ ପଦସ୍ଥ ଅଧିକାରୀମାନେ ନୂତନ ଜିଲାପାଳଙ୍କୁ ସ୍ୱାଗତ କରିଥିଲେ ।

# ପ୍ରତିବାଦ କରି ଦାବିପତ୍ର ଦେଲା ଉତ୍କଳ ସମ୍ମିଳନୀ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଜୟପୁର,୮।୨(ନି.ପ୍ର.)

ଆନ୍ଧ୍ର ସରକାର ସୀମା ନିର୍ଦ୍ଧାରଣ କ୍ଷେତ୍ରରେ ସବୁ ନିୟମକୁ ଉଲ୍ଲଂଘନ କରି ଚାଲିଛନ୍ତି। ଏପରିକି ସୁପ୍ରିମକୋର୍ଟଙ୍କ ନିକଟରେ ଦେଇଥିବା ପ୍ରତିଶ୍ରୁତି ମଧ୍ୟ ଭୁଲିଯାଇଛନ୍ତି। ଏହାର ତୀବ୍ର ପ୍ରତିବାଦ କରିଛି ଉତ୍କଳ ସମ୍ମିଳନୀ। ତୁରନ୍ତ ଆନ୍ଧ୍ର ପ୍ରଶାସନ କୋଟିଆରେ କରୁଥିବା ପଞ୍ଚାୟତ ନିର୍ବାଚନକୁ ବନ୍ଦ କରିବା ଲାଗି ଦାବି କରିଛନ୍ତି ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା। ଏନେଇ ସେମାନେ କୋରାପୁଟର ନୂତନ ଜିଲାପାଳଙ୍କୁ ସୋମବାର ଏକ ସ୍ମାରକପତ୍ର ଦେଇଛନ୍ତି। ଏଥିରେ ଉଲ୍ଲେଖ ରହିଛି, କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକର କୋଟିଆ ପଞ୍ଚାୟତର ୩ଟି ଗ୍ରାମର ନାମ ବଦଳାଇ ସେଠାରେ ପଞ୍ଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କରିଛି ଆନ୍ଧ୍ର। ଇତିମଧ୍ୟରେ ସେଠାରେ ଆନ୍ଧ୍ର ପ୍ରାର୍ଥୀପତ୍ର ଦାଖଲ କାର୍ଯ୍ୟ ଶେଷ କରିଛି। ସୀମା ବିବାଦକୁ ନେଇ ଓଡ଼ିଶା ପକ୍ଷରୁ ସୁପ୍ରିମକୋର୍ଟରେ କରାଯାଇଥିବା କେସ୍କୁ ନେଇ ୩୦ରେ

### କୋଟିଆ ଅଞ୍ଚଳରେ ଆନ୍ଧ୍ର ପକ୍ଷରୁ ପଞ୍ଚାୟତ ନିର୍ବାଚନ

ବିବାଦୀୟ ଗ୍ରାମଗୁଡିକ ଉପରେ ଉଚ୍ଚ ନ୍ୟାୟାଳୟଙ୍କ ଉଭୟ ରାଜ୍ୟର ସୀମା ନିର୍ଦ୍ଧାରଣ ନେଇ କୌଣସି କର୍ତ୍ତୃତ୍ୱ ନ ଥିବା ପ୍ରକାଶକରି ଏହାର ସମାଧାନ ସଂସଦରେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଉଭୟ ଓଡ଼ିଶା ଏବଂ ଆନ୍ଧ୍ରର ପ୍ରତିନିଧି ଲିଖିତ ଭାବେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଯେତେଦିନ ପର୍ଯ୍ୟନ୍ତ ସଂସଦରେ ଏହି ମାମଲାର ନିଷ୍ପତ୍ତି ନ ହୋଇଛି ସେତେଦିନ ପର୍ଯ୍ୟନ୍ତ ଉଭୟ ପକ୍ଷ ସମାନ ସ୍ଥିତାବସ୍ଥା ବଜାୟ ରଖିବେ ବୋଲି ଜଣାଇଥିଲେ। ମାତ୍ର ଏହାକୁ ଭ୍ରୂକ୍ଷେପ ନ କରି ଆନ୍ଧ୍ର ଏହି ଅଞ୍ଚଳରେ ନିର୍ବାଚନ କରୁଛି। ଏହି ବେଆଇନ ନିର୍ବାଚନକୁ ପ୍ରଶାସନ ବନ୍ଦ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଏହି ସମୟରେ ସଭାପତି ମଦନ ମୋହନ ନାୟକଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଜିଲା ଯୁବ ରେଡ୍କ୍ରସ୍ ଶିବିର


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଏମଭି ୭୯,୮।୨(ଡି.ଏନ.ଏ.)

ଶ୍ୟାମା ପ୍ରସାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ସୋମବାର ବିଦ୍ୟାଳୟର ଯୁବ ରେଡ଼କ୍ରସ ସଂସ୍ଥା ପକ୍ଷରୁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କାଲିମେଳାରୁ ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ,ଏମଭି-୭୯ରୁ ଡ଼. ଶ୍ୟାମା ପ୍ରସାଦ ଡିଗ୍ରୀ ମହାବିଦ୍ୟାଳୟ ଏବଂ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରୁ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ। ୩ ଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ରେଡ଼କ୍ରସର ଇତିହାସ, ଲକ୍ଷ,ପ୍ରାଥମିକ ଚିକିତ୍ସା, ରକ୍ତଦାନ ସଚେତନତା, ସଡ଼କ ସୁରକ୍ଷା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଶିବିର ଉଦ୍ଘାଟନ ସମୟରେ ଡ଼ାକ୍ତର ପ୍ରସନଜିତ ରାଏ ପତାକା ଉତ୍ତୋଳନ କରି ସ୍ୱେଚ୍ଛାସେବୀ ଙ୍କୁ ଶପଥ ପାଠ କରାଇଥିଲେ । ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ପରିତୋଷ ସରକାର ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଡ଼. ପ୍ରଶାନ୍ତ କୁମାର ପାଢୀ ସଭାପତିତ୍ୱ କରିଥିଲେ। ମାଲକାନଗିରି ଜିଲା ଯୁବ ରେଡ଼କ୍ରସ ସଂଯୋଜକ ଡ଼. ଆଶିଷ ରାଥୋଡ଼ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପରାମର୍ଶଦାତା ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ। ଶିବିରରେ ଆଲୋକ କୁମାର ନନ୍ଦ,ପ୍ରଫୁଲ୍ଲ ବିଶ୍ୱାଳ,ଶତ୍ରୁଘ୍ନ ପ୍ରଧାନ ଏବଂ ପି. ରବିଶଙ୍କର ବିଭିନ୍ନ ମହାବିଦ୍ୟାଳରୁ ଉପସ୍ଥିତ ଥିଲେ । ଜିଲା ଯୁବରେଡକ୍ରସ ଆବାହକ ସମ୍ପାଦକ ଡ଼.ରଞ୍ଜନ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଭିନ୍ନ ଜୀବନଶୈଳୀରେ ବଞ୍ଚିବା ଶିଖାଇଛି ଆସନ୍ତୁ ବଞ୍ଚିବା

କୋରାପୁଟ, ୮।୨ (ସ୍ୱ.ପ୍ର.)


ନାନ୍ଦନିକ ପକ୍ଷରୁ ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

କୋରନା ସଚେତନତା ଉପରେ ନାନ୍ଦନିକ ଅନୁଷ୍ଠାନ ସ୍ଥାନୀୟ ରବିନ୍ଦ୍ର ସାଂସ୍କୃତିକ ପରିଷଦଠାରେ ଆସନ୍ତୁ ବଞ୍ଚିବା ଶୀର୍ଷକ ନାଟକ ମଞ୍ଚସ୍ଥ କରିଛି। ଗାଳ୍ପିକ ନାରାୟଣ ପଣ୍ଡା, ସାହିତ୍ୟିକ ଜୟନ୍ତ ସ୍ୱାଇଁ , ଗୁପ୍ତେଶ୍ୱର ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ। ରାଜ୍ୟର କୋରାପୁଟ ଭଳି ଅଞ୍ଚଳରେ ପ୍ରଥମ କରି ନାନ୍ଦନିକ ପକ୍ଷରୁ ସୌରଭ ଗୁପ୍ତାଙ୍କ ସଂକଳ୍ପିତ ଏବଂ ମୋନିଦୀପା ଗୁପ୍ତାଙ୍କ ପରିକଳ୍ପିତ ଏହି ନାଟକ ପରିବେଷଣ କରାଯାଇଥିଲା। ଏହା କୋଭିଡ-୧୯ ନେଇ ଦର୍ଶକଙ୍କୁ ସଚେତନତାର ବାର୍ତ୍ତା ଦେଇଛି । ମଣିଷର ମନ ଶରୀର ଉପରେ କୋଭିଡ-୧୯ର ଜୀବାଣୁଜନିତ ପକ୍ରିୟାକୁ ଏଥିରେ ଚିତ୍ରଣ କରାଯାଇଥିଲା । କୋଭିଡ୍ ଯାହା ସମସ୍ତ ସାମାଜିକ ଜୀବନକୁ ବିପଦଗାମୀ କରିଥିଲା। ମାସ୍କ ଏବଂ ଶାରିରୀକ ଦୂରତା ନେଇ କୋଭିଡ୍ ଭିନ୍ନଜୀବନ ଶୈଳୀରେ ବଞ୍ଚିବା ଶିଖାଇଛି। ନାଟକ ପରିବେଷଣ ସମୟରେ ଦର୍ଶକଙ୍କୁ ମାସ୍କ ଓ ସାନିଟାଇଜର ଯୋଗାଇ ଦେଇଥିଲୁ ବୋଲି ନାନ୍ଦନିକର କୋଷାଧ୍ୟକ୍ଷ ସୌମେନ୍ଦ୍ର ସ୍ୱାଇଁ କହିଛନ୍ତି। ଆସନ୍ତୁ ବଞ୍ଚିବା ନାଟକ ଆମକୁ ଭୟରେ ବଞ୍ଚିବାକୁ ନୁହେଁ ବରଂ ଡାକ୍ତରୀ ନିର୍ଦ୍ଦେଶାବଳୀ ଅନୁସାରେ ସକରାତ୍ମକ ଜୀବନ ଜୀଇଁବା ଶିଖାଇଥାଏ ବୋଲି ସ୍ୱାଇଁ ମତ ରଖିଛନ୍ତି।

### ନାନ୍ଦନିକ ପକ୍ଷରୁ ସଚେତନତା

# ସଫେଇ କର୍ମଚାରୀଙ୍କୁ ୨ ମାସ ହେଲା ଦରମା ମିଳିନି

ମାଲକାନଗିରି,୮।୨(ଡି.ଏନ୍.ଏ.)


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ସଫେଇ କର୍ମଚାରୀ।

ମାଲକାନଗିରି ପୌର ପରିଷଦରେ କାର୍ଯ୍ୟରତ ସଫେଇ କର୍ମଚାରୀ ୨ମାସ ହେଲା ଦରମା ପାଇ ନାହାନ୍ତି। ଫଳରେ ସେମାନଙ୍କୁ ଖୁବ ଶୀଘ୍ର ଦରମା ଦେବାକୁ ଦାବିକରି ମାଲକାନଗିରି ଜିଲାପାଳ ୱାଇ.ବିଜୟଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ମାଲକାନଗିରି ପୌର ପରିଷଦର ୧୯ଟି ୱାର୍ଡରେ ସଫେଇ କାର୍ଯ୍ୟ ଲାଗି ଚନ୍ଦନ ସିକ୍ୟୁରିଟି ସର୍ଭିସେସ ନାମକ ଠିକାସଂସ୍ଥା ଟେଣ୍ଡର ପାଇଛି। ଏଥିରେ ନିୟୋଜିତ ସଫେଇ କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରି ସଂସ୍ଥା ଠିକ ଭାବେ ଦରମା ଦେଉନାହିଁ। ଇତିମଧ୍ୟରେ ଦୁଇମାସ ହେଲା ସେମାନଙ୍କୁ ଦରମା ମିଳିନାହିଁ। ଏ ସମ୍ପର୍କରେ ସେମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ସମେତ ସମ୍ପୃକ୍ତ ଠିକା ସଂସ୍ଥାକୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳ ନ ଥିବା ସଫେଇ କର୍ମଚାରୀ ଚନ୍ଦ୍ରକଳା ନାଗ, କେ.ସନ୍ତୋଷ , କେ.ଶ୍ୟାମୁ, ଟି.ଈଶ୍ୱର ରାଓଙ୍କ ସମେତ ୩୦ ଜଣରୁ ଊର୍ଦ୍ଧ୍ୱ କର୍ମଚାରୀ ଅଭିଯୋଗ କରିଛନ୍ତି। ତେବେ ବାରମ୍ବାର ଅଭିଯୋଗ କରି ନିରାଶ ହେବାପରେ କର୍ମଚାରୀମାନେ ଜିଲାପାଳ ୱାଇ.ବିଜୟଙ୍କୁ ଭେଟିବାକୁ ଯାଇଥିଲେ। ଜିଲାପାଳ ଅନୁପସ୍ଥିତ ଥିବାରୁ ପରବର୍ତ୍ତୀ ସମୟରେ ତାଙ୍କୁ ଭେଟି ଦାବିପତ୍ର ଦେବେ ବୋଲି ଏହି କର୍ମଚାରୀମାନେ କହିଛନ୍ତି।

